ପ୍ରମେୟ
ଗୁରୁବାର
୧୮ ଅଗଷ୍ଟ ୨୦୧୬

# ଆଇଆଇଟି ସହ ଭେଲ୍‌ର ଏମଓୟୁ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ): ଭୁବନେଶ୍ୱର ଆଇଆଇଟି ସହ ଭେଲ୍ (ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍) ଏକ ଏମଓୟୁ ସ୍ୱାକ୍ଷର କରିଛି। ମିଳିତ ଗବେଷଣା ପାଇଁ ଏହି ଏମଓୟୁ ସ୍ୱାକ୍ଷର ହୋଇଥିବା ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ଭେଲ୍‌ର କର୍ପୋରେଟ୍ ଟେକ୍ନୋଲୋଜି ମ୍ୟାନେଜ୍‌ମେଣ୍ଟ୍ ନିର୍ବାହୀ ନିର୍ଦ୍ଦେଶକ ଡ. ଉମାକାନ୍ତ ଚୌଧୁରୀ ଏମଓୟୁ ସ୍ୱାକ୍ଷର କରିଥିଲେ। ଏହି ଏମଓୟୁ ଫଳରେ ଆଇଆଇଟିରେ ଶକ୍ତି କ୍ଷେତ୍ରରେ ଗବେଷଣା ବୃଦ୍ଧି ପାଇବ। ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ଉପରେ ଅଧିକ ଗବେଷଣା କରାଯିବ ବୋଲି ପ୍ରଫେସର ରାଜକୁମାର କହିଛନ୍ତି। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ବିକାଶ ଡିନ୍ ପ୍ରଫେସର ଆର୍ କେ ପଣ୍ଡା, ଡିନ୍ (ଏଫ୍ ଆଣ୍ଡ ପି) ପ୍ରଫେସର ସୁଜିତ୍ ରାୟ, ଡିନ୍ (ଏ ଆଣ୍ଡ ଏ) ପ୍ରଫେସର ଏନ୍ ସି. ସାହୁ, ଡିନ୍ (ଏସଏ) ଭି ଆର୍ ପେଡ୍ଡିରେଡ୍ଡି, କୁଳସଚିବ ଡ. ଗୁଣଶେଖରନ୍ ପ୍ରମୁଖ ଯୋଗ ଦେଇଥିଲେ।